ଗ୍ରାମୀଣ କୃଷି ମୌଷମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

ସପ୍ତାହ ସଂଖ୍ୟା -୦୯

Deepanjali Dugal,
Jr. Agrometeorologist

ବୁଲେଟିନ ନମ୍ବର :୧୮
ତାରିଖ : ୦୧.୦୩.୨୦୨୪
(ଶୁକ୍ରବାର)

## ଢେଙ୍କାନାଳ ଜିଲ୍ଲା

**ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୨୪.୦୨.୨୦୨୪ ରୁ ୦୧.୦୩.୨୦୨୪)**

| | |
|---|---|
| ବୃଷ୍ଟିପାତ (ମି.ମି.) | ୩.୫ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୭.୪-୩୪.୫ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୧୭.୫-୨୨.୭ |

**ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୦୭ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା**

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 02-03-2024 | 0 | 35 | 22 | 0 | 90 | 20 | 8 | 158 |
| 03-03-2024 | 0 | 34 | 22 | 0 | 76 | 15 | 8 | 158 |
| 04-03-2024 | 0 | 34 | 22 | 3 | 70 | 20 | 8 | 150 |
| 05-03-2024 | 0 | 31 | 23 | 5 | 92 | 26 | 10 | 112 |
| 06-03-2024 | 0 | 31 | 23 | 4 | 64 | 20 | 10 | 124 |

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ଶୁଖିଲା ପାଗ ରହିବାର ସମ୍ଭାବନା ରହିଛି । ଆକାଶ ପରିଷ୍କାର ରୁ ସାଧାରଣତଃ ମେଘୁଆ ରହିବ । ଆଗାମୀ ୫ଦିନ ପର୍ଯ୍ୟନ୍ତ ପବନ ୦୮-୧୦ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୧°c-୩୫°c ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୨°c-୨୩°c ମଧ୍ୟରେ ରହିବାର ସମ୍ଭାବନା ରହିଛି । ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୬୪ ରୁ ୯୨ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୫ ରୁ ୨୬ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି ।

## କୃଷିସୂଚନା

- ବର୍ତମାନ ଶୁଖିଲା ପାଗ ଓ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଚାଷୀ ଭାଇ ମାନେ ଜମିରେ ବାରମ୍ବାର ଜଳ ସେଚନ କରନ୍ତୁ ।
- ଜମିରେ ଜଳ ସଂରକ୍ଷଣ ପାଇଁ ହୁଡା ଓ ସିଆର ପ୍ରଣାଳୀ ଜଳ ସେଚନକୁ ପ୍ରାଧାନ୍ୟ ଦିଅନ୍ତୁ ।
- ଫଳ ବଗିଚାରେ ମାଟି ରୁ ଆଚ୍ଛାଦିକରଣ ବ୍ୟବସ୍ଥା କରନ୍ତୁ ।

**ଧାନ(ଡାଲୁଆ):**

- ବର୍ତ୍ତମାନ ଦିନର ତାପମାତ୍ରା ବଢିବାର ସମ୍ଭାବନା ଥିବାରୁ ମୁଖ୍ୟ କିଆରୀରେ କାଣ୍ଡବିନ୍ଧା ପୋକର ପ୍ରଜାପତି ଅଣ୍ଡା ଦେବା ଆରମ୍ଭ କରିବେ । ତେଣୁ ପୋକ ସର୍ବେକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୫ ଗୋଟି ଫେରୋମନ ଯନ୍ତା ବସାନ୍ତୁ ।
- ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ମଧ୍ୟରେ ବୃଦ୍ଧି ପାଉଥିବା ତାରତମ୍ୟ ମହିଷା ରୋଗର କାରଣ ହୋଇପାରେ । ମହିଷା ରୋଗର ଲକ୍ଷଣ ଦେଖାଗଲେ, ପ୍ରତି ୨୦୦ ଲିଟର ପାଣିରେ ୮୦ ଗ୍ରାମ tebuconazole ୫୦% ସହିତ trifloxystrobin ୨୫% W.G. କିମ୍ବା isoprothiolane ୪୦ E.C. ୩୦୦ ମି.ଲି. ସିଂଚନ କରନ୍ତୁ । ୭ ରୁ ୧୦ ଦିନ ବ୍ୟବଧାନରେ ଆଉଥରେ ପ୍ରୟୋଗ କରନ୍ତୁ ।

**ଚିନାବାଦାମ:**

ବର୍ତ୍ତମାନ ତାପମାତ୍ରା ବୃଦ୍ଧି ଯୋଗୁଁ ଚିନାବାଦାମରେ ନାଲି ସମ୍ବାଳୁଆ ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ୪୦୦ ମିଲି Profenophos ୫୦% EC କିମ୍ବା ୪୦ ମିଲି Flubendiamide ୪୮୦ SC, ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

**ଟମାଟୋ:**

ଯେତେବେଳେ ଟମାଟୋ ଫଳ କୌଣସି ସୁରକ୍ଷା ବିନା ସିଧାସଳଖ ସୂର୍ଯ୍ୟକିରଣ ସମ୍ମୁଖୀନ ହୁଏ ସନସ୍କାଲ୍ଡ ସମସ୍ୟା ଦେଖାଯାଏ । ଏହାକୁ ରୋକିବା ପାଇଁ ଯଥାସମ୍ଭବ ଫଳକୁ ଛାଇରେ ରଖନ୍ତୁ ଯାହା ଦ୍ୱାରା ଫଳ ସିଧାସଳଖ ସୂର୍ଯ୍ୟକିରଣ ଅଧିକ ସଂସ୍ପର୍ଶରେ ଆସିବ ନାହିଁ । ସିଧାସଳଖ ଷ୍ଟେକିଙ୍ଗ କୌଶଳ ଆପଣାନ୍ତୁ ନାହିଁ । ଏହି ସମସ୍ୟା ସହନଶୀଳ କିସମ ବ୍ୟବହାର କରନ୍ତୁ ଯେପରିକି - Arka Vardan, Hisar Lalit, SL-120, Pusa Hybrid-2, NTDR-1, Tomato Tarun F1, Tomato Tulsi F1.

**ଖଡା ଶାଗ:**

ବର୍ତମାନ ଖଡା ଶାଗ ଚାଷ କରିବା ପାଇଁ ଉପଯୁକ୍ତ ସମୟ । ୫ ଫୁଟ ଲମ୍ବ ଓ ୪ ଫୁଟ ଓସାରର ଛୋଟ ଛୋଟ ପଟାଳି ପ୍ରସ୍ତୁତ କରନ୍ତୁ । ଏକରକୁ ୪ ରୁ ୭ କେଜି ମଞ୍ଜି ଆବଶ୍ୟକ ହୋଇଥାଏ । ଶାଗ ମଞ୍ଜି ଆକାର ଛୋଟ ହୋଇଥିବା ରୁ ମଞ୍ଜି କୁ ବାଲି ସହ ମିଶାଇ ବୁଣନ୍ତୁ । ମଞ୍ଜି ବୁଣିଲା ପରେ ମାଟି ଘୋଡାଇ ଦିଅନ୍ତୁ ଓ ଅଧିକ ତାପମାତ୍ରା ରୁ ରକ୍ଷା କରିବା ପାଇଁ ଏହା ଉପରେ ନଡା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ

**କଖାରୁ ଜାତୀୟ ପନିପରିବା:**

ବର୍ତମାନ ସମୟରେ କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡି, କଲରା, ତରଭୁଜ ଆଦି ଫସଲରେ ନାଲି କଖାରୁ ପୋକ ଲାଗିବାର ସମ୍ଭାବନା ରହିଛି । ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ Cyantraniliprole କିମ୍ୱା ୭୦ମିଲି Imidacloprid କିମ୍ୱା ୪୦୦ ମିଲି Chlorpyriphos ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଝୁଡଙ୍ଗ:**

ଝୁଡଙ୍ଗ ଲଗାଇବା ପାଇଁ ବର୍ତମାନ ଉପଯୁକ୍ତ ସମୟ । କିଛି ଝୁଡଙ୍ଗ କିସମ ହେଲା Swarna, Swarna harina, Utkal Manik, Pusa Dofasali, Pusa Ruturaj, Kashi Kanchan, Pant Lobia 3, Pant Lobia 4, Goa cowpea 3, Tirupati cowpea। ବିହନ ବିଶୋଧନ ଲାଗି ବୁଣିବାର ୨୪ ଘଣ୍ଟା ଆଗରୁ ପ୍ରତି କିଲୋଗ୍ରାମ ବିହନରେ ୨ ଗ୍ରାମ Vitavax Power କିମ୍ୱା ୨ ଗ୍ରାମ Carbendazim ଭଲଭାବେ ମିଶାଇ ଦିଅନ୍ତୁ ।

**ତରଭୁଜ:**

ତରଭୁଜ ଫସଲରେ ପତ୍ରଉକୁଣି ପୋକର ପରିଚାଳନା ପାଇଁ ଏକର ପ୍ରତି ୮ଟି ନୀଳ ଅଠାଳିଆ ଯନ୍ତା ବ୍ୟବହାର କରନ୍ତୁ । ଏକର ପ୍ରତି ୪୦ଗ୍ରାମ Thiamethoxam ନାମକ କୀଟନାଶକ କିମ୍ୱା ୩୦୦ ମିଲି Lambda cyhalothrin ନାମକ କୀଟନାଶକ କିମ୍ୱା ୨୦୦ ଗ୍ରାମ Difenthiuron ନାମକ କୀଟନାଶକ କିମ୍ୱା ୪୦୦ ମିଲି Fipronil ନାମକ କୀଟନାଶକ , ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ପଶୁ ସମ୍ପଦ:**

ବର୍ତ୍ତମାନ ତାପମାତ୍ରା ବୃଦ୍ଧି ପାଉଥିବାରୁ ଗାଈଗୋରୁଙ୍କୁ ପର୍ଯ୍ୟାପ୍ତ ପରିମାଣର ପିଇବା ପାଣି ଲୁଣ ମିଶାଇ ଦିଅନ୍ତୁ । ଗାଈଗୋରୁ ମାନେ ଯେପରି ଛାଇ ସ୍ଥାନରେ ରହିବେ ସେଥି ପ୍ରତି ଦୃଷ୍ଟୀ ଦିଅନ୍ତୁ ।

**କୁକୁଡା:**

ବର୍ତ୍ତମାନ ତାପମାତ୍ରା ବୃଦ୍ଧି ପାଉଥିବାରୁ କୁକୁଡା ମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଥଣ୍ଡା ପିଇବା ପାଣି ଦିଅନ୍ତୁ।ଦ୍ୱି ପ୍ରହାର ସମୟରେ ଖାଇବାକୁ ନଦେଇ ସକାଳ ଓ ସନ୍ଧ୍ୟା ସମୟରେ ଦିଅନ୍ତୁ । ୨୦-୩୦% ଅଧିକ ଭିଟାମିନ ଓ ଖଣିଜ ଦ୍ରବ୍ୟ କୁକୁଡା ଖାଦ୍ୟରେ ମିଶାନ୍ତୁ ।

**ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱୀକୃତ**

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,**QPM,**ଟିସୁ କଲଚର ଗଛ,ଫଳ ଓ ପନିପରିବା,**ଯାଆଁଳ,**କୁକୁଡା ଛିଆଁ,**ଛତୁ,**ଛତୁ ମଞ୍ଜି,**ଜୈବିକ ସାର,**ଜୈବିକ କୀଟନାଶକ,**ଜିଆ ଖତ,**କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ **MEGHDOOT** ମୋବାଇଲ ଆପ ବ୍ୟବହାର କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot)**

**(iOS: https://apps.apple.com/in/app/meghdoot/id1474048155)**